# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1467 CUTTACK, THURSDAY, NOVEMBER 4, 2004 / KARTIKA 13, 1926**


## ରାଜସ୍ୱ ବିଭାଗ

ଅଧିସୂଚନା

ତାରିଖ 19 ଅକ୍ଟୋବର 2004

ସଂଖ୍ୟା 41065—ଏଲ୍. ଏ.(ସି)-133/2004 (ବଲାଙ୍ଗୀର)-ରା.--ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଟିଟିଲାଗଡ଼ ମଧ୍ୟମ ଜଳସେଚନ ଯୋଜନା ନିର୍ମାଣ ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ବେଲପଦର, ଥାନା ଟିଟିଲାଗଡ଼, ଜିଲ୍ଲା ବଲାଙ୍ଗୀରରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ଏତଦ୍ଦ୍ୱାରା ଅଧିସୂଚୀତ ହେଉଛି କି ଉପରୋକ୍ତ ଉଦ୍ଦେଶ୍ୟରେ ନିମ୍ନସୂଚୀମତେ ପ୍ରାୟ 0.57 ଏକର ପରିମିତ ଭୂମି ଉପରୋକ୍ତ ବେଲପଦର ଗ୍ରାମରେ ଆବଶ୍ୟକ ହେଉଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894 ର ଅଧିନିୟମ 17ର ଧାରା 4 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଅଧିସୂଚନାଟି ଏଥି ସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯେହେତୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭୂମି ତୁରନ୍ତ ଆବଶ୍ୟକ ବୋଲି ପ୍ରତୀତ ହେଉଛି, ରାଜ୍ୟ ସରକାରଙ୍କ ମତରେ ନିର୍ଦ୍ଦିଷ୍ଟ ହୋଇଥିବା ଭୂମିର ଅର୍ଜନ ପାଇଁ ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ଭୂମି ଅର୍ଜନ ଅଧିନିୟମ, 1894 ର ଧାରା 17 ର ଉପଧାରା (1) ବ୍ୟବସ୍ଥାଗୁଡିକ ପ୍ରଯୁଜ୍ୟ ଅଟେ ।

ସୁତରାଂ ଉକ୍ତ ଅଧିନିୟମର ଧାରା 17 ର ଉପଧାରା (4) ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଜ୍ୟ ସରକାର ଏତଦ୍ଦ୍ୱାରା ନିର୍ଦ୍ଦେଶ ଦେଉଛନ୍ତି କି ଧାରା 5-କ ର ବ୍ୟବସ୍ଥାଗୁଡିକ ଉକ୍ତ ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ଉକ୍ତ ଭୂମି ସମ୍ବନ୍ଧରେ ପ୍ରଯୁଜ୍ୟ ହେବ ନାହିଁ ।

ଉକ୍ତ ଭୂମିର ଏକ ନକ୍ସା, ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

LAND SCHEDULE

| Plot No. | Area to be acquired |
|---|---|
| (1) | (2) |
| | Acres |
| 913 | 0.57 |
| Total .. | 0.57 |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ


Printed and Published by the Director of Printing, Stationery and Publication, Orissa, Cuttack-10

Ex. Gaz.997–206+25